بسم الله الرحمن الرحيم

**୩ ଡ଼ିସେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ହଜରତ ମୁହମ୍ମଦ ସ.ଅ.ଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ଅବ୍ଦୁଲ୍ଲାଃ ବିନ୍ ଉସମାନ୍ ର.ଅ.ଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱ୍ୱର ଅ.ବ କହିଲେ; ଆଜି ହଜରତ ଅବୁବକର ସିଦ୍ଦିକ୍ ର.ଅ.ଙ୍କ ଜୀବନୀ ଚର୍ଚ୍ଚା ଆରମ୍ଭ କରୁଛି । ଅନ୍ଧକାରମୟ ଯୁଗରେ ଆପଣଙ୍କ ନାମ ଅବ୍‌ଦୁଲ କାବ୍ ଥିଲା । ଯାହାକୁ ଆମର ପ୍ରିୟ ମୁନିବ ହଜରତ ମୁହମ୍ମଦ ସ.ଅ ପରିବର୍ତ୍ତନ କରି ଅବ୍‌ଦୁଲ୍ଲାଃ ରଖି ଦେଇଥିଲେ । ଆପଣଙ୍କ ଉପନାମ ଅବୁବକର ଓ ଆଖ୍ୟା ଅତିକ୍ ତଥା ସିଦ୍ଦିକ୍ ଥିଲା । ଆପଣଙ୍କ ଜନ୍ମ ଆମୁଲ୍ ଫିଲ୍ ବର୍ଷର ଅଢ଼େଇ ବର୍ଷ ପରେ ଅର୍ଥାତ ୫୭୩ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ଆପଣଙ୍କ ସମ୍ପର୍କ କୁରୈଶ ଗୋଷ୍ଠୀର ବନୁ ତୟମ୍ ବିନ୍ ମରାଃ ସହିତ ଥିଲା । ଆପଣଙ୍କ ପିତାଙ୍କ ନାମ ଉସମାନ୍ ବିନ୍ ଆମିର ଥିଲା ଏବଂ ତାଙ୍କ ଉପନାମ ଅବୁ କାହାଫା ଥିଲା । ଆପଣଙ୍କ ମାତାଙ୍କ ନାମ ସଲମା ବିନତ୍ ସଖର ବିନ୍ ଆମିର ଥିଲା ଏବଂ ତାଙ୍କ ଉପନାମ ଉମ୍ମେ ଖୈର ଥିଲା । ହଜରତ ଅବୁବକର ର.ଅ.ଙ୍କ ବଂଶକ୍ରମ ଦେଖିଲେ ଆପଣଙ୍କ ୭ମ ପିଢ଼ୀ ଅର୍ଥାତ ମରାଃଙ୍କ ମାଧ୍ୟମରେ ହଜରତ ମୁହମ୍ମଦ ସ.ଅ.ଙ୍କ ସହିତ ମିଳିତ ହୋଇଯାଉଛି । ହଜରତ ଅବୁବକର ର.ଅ.ଙ୍କ ପିତାମାତା ଆପଣଙ୍କ ସ୍ୱର୍ଗବାସ ହେବା ପରେ ମଧ୍ୟ ଜୀବିତ ଥିଲେ ଏବଂ ସେମାନେ ନିଜ ପୁତ୍ର ଅର୍ଥାତ ହଜରତ ଅବୁବକର ର.ଅ.ଙ୍କର ସମ୍ପତ୍ତିରୁ ଭାଗ ପାଇଥିଲେ । ହଜରତ ଅବୁବକର ର.ଅ.ଙ୍କ ଦେହାନ୍ତ ପରେ ଆପଣଙ୍କ ମାତାଙ୍କର ନିଧନ ହୋଇଥିଲା ଏବଂ ଆପଣଙ୍କ ପିତା ୧୪ ହିଜରୀରେ ଅର୍ଥାତ ୯୭ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ । ଆପଣଙ୍କ ପିତା ମକ୍କା ବିଜୟ ପରେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ । ଅପର ପଟରେ ଆପଣଙ୍କ ମାତା ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ଇସଲାମ ଧର୍ମରେ ଦୀକ୍ଷିତ ହୋଇଯାଇଥିଲେ । ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା ସ.ଅ ଓ ଆପଣଙ୍କ ପବିତ୍ର ସାହାବାମାନଙ୍କ ସଂଖ୍ୟା ମାତ୍ର ୩୮ ଥିଲା ଏବଂ ସଭିଏଁ ଦାରେ ଅରକମ୍‌ରେ ଶରଣ ନେଇ ଉପାସନା କରୁଥିଲେ ସେତେବେଳେ ହଜରତ ଅବୁବକର ହଜୁର ସ.ଅ.ଙ୍କ ନିକଟରେ ନିବେଦନ କରି ଆପଣଙ୍କୁ ମସଜିଦ୍ ହରାମ୍‌କୁ ନେଇଗଲେ ଏବଂ ସେଠାରେ ଲୋକମାନଙ୍କୁ ଅଲ୍ଲାଃଙ୍କ (ସତ୍) ମାର୍ଗ ଆଡ଼କୁ ଡ଼ାକରା ଦେଲେ । ତାହା ଶୁଣି ଅମାନ୍ୟକାରୀମାନେ ମୁସଲମାନମାନଙ୍କ ଉପରେ ଅତର୍କିତ ଭାବରେ ଆକ୍ରମଣ କରିଦେଲେ ଏବଂ ସେମାନଙ୍କୁ ଅତି ନିର୍ମମ ଭାବରେ ପିଟିଲେ । ହଜରତ ଅବୁବକର ର.ଅ.ଙ୍କୁ ନିଜ ପାଦ ତଳେ ଏଭଳି ଦଳାଚକଟା କଲେ ଯେ ଆପଣ ଶେଷ ନିଶ୍ୱାସ ତ୍ୟାଗ କରିବା ମୁହାଣରେ ପହଂଚି ଯାଇଥିଲେ । ଯେତେବେଳେ ଆପଣ ଚେତା ଫେରି ପାଇଲେ ସେତେବେଳେ ଆପଣ ସର୍ବପ୍ରଥମେ ଓ ବାରମ୍ବାର ହଜୁର ସ.ଅ.ଙ୍କ ଅବସ୍ଥା ପଚାରୁଥିଲେ ? ସେଥିଅନ୍ତେ ନିଜ ମାତାଶ୍ରୀଙ୍କୁ ଉମ୍ମେ ଜମିଲ୍ ଯେ କି ହଜରତ ଉମର ବିନ୍ ଖତାବ୍‌ଙ୍କ ଭଗିନୀ ଥିଲେ, ତାଙ୍କ ନିକଟକୁ ପ୍ରେରଣ କଲେ । ଉମ୍ମେ ଜମିଲ୍ ହଜରତ ଅବୁବକର ର.ଅ.ଙ୍କ ନିକଟକୁ ଆସିଲେ, ସେ ଆପଣଙ୍କ ମାତାଙ୍କ ସମ୍ମୁଖରେ ହଜୁର ସ.ଅ.ଙ୍କ ଅବସ୍ଥା ପଚାରିବାକୁ ଭୟ କରୁଥିଲେ । ଯେତେବେଳେ ହଜରତ ଅବୁବକର ତାଙ୍କୁ ପଚାରିଲେ ଯେ

ହଜୁର ସ.ଅଙ୍କ ଅବସ୍ଥା କିପରି ଅଛି ? ସେତେବେଳେ ଉମ୍ମେ ଜମିଲ୍ କହିଲେ, ଏହା ତୁମ ମାତା ମଧ୍ୟ ଶୁଣୁଛନ୍ତି, ଆପଣ କହିଲେ ସେ ତୁମ ରହସ୍ୟ ପ୍ରକାଶ୍ୟ କରିବେ ନାହିଁ । ଏଥିରେ ଉମ୍ମେ ଜମିଲ୍ କହିଲେ; ହଜୁରସ.ଅ ଦାରେ ଅରକମ୍‌ରେ ସକୁଶଳେ ଅଛନ୍ତି । ହଜରତ ଅବୁବକରର.ଅ କହିଲେ; ଅଲ୍ଲାଃଙ୍କ ରାଣ ! ମୁଁ ଅର୍ଣ୍ଣଜଳ ସ୍ପର୍ଶ କରିବି ନାହିଁ । ଯେପର୍ଯ୍ୟନ୍ତ କି ମୁଁ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇଯାଇ ନାହିଁ । ଅତଏବ ହଜରତ ଅବୁବକରର.ଅ ସେହି ଅବସ୍ଥାରେ ହିଁ ଭରା ନେଇ ପଡ଼ିଉଠି ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇଗଲେ ଏବଂ ହଜୁର ସ.ଅଙ୍କୁ ଦେଖି ଆପଣ ଭୀଷଣ ରୂପେ ଭାବବିହ୍ୱଳ ହୋଇପଡ଼ିଲେ । **ହଜୁରସ.ଅ ଅବୁବକର ର.ଅଙ୍କର ଏହି ଅବସ୍ଥା ଦେଖି ଆପଣଙ୍କୁ ଚୁମ୍ବନ ଦେବା ପାଇଁ ତାଙ୍କ ଆଡ଼କୁ ନଇଁ ପଡ଼ିଲେ ।** ହଜରତ ଅବୁବକରର.ଅ ନିଜ ମାତାଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିବାର ଚର୍ଚ୍ଚା କଲେ ଏବଂ କହିଲେ ସମ୍ଭବତଃ ଦୟାମୟ ପ୍ରଭୁ ଆପଣଙ୍କ ମାଧ୍ୟମରେ ତାଙ୍କୁ ଅଗ୍ନିର ଶାସ୍ତିରୁ ରକ୍ଷା କରିଦେବେ । ଅତଏବ ହଜୁରସ.ଅ ଦୁଆ କଲେ ଏବଂ ଅବୁବକର ର.ଅଙ୍କ ମାତାଙ୍କୁ ଇସଲାମ ପ୍ରତି ଡ଼ାକରା ଦେଲେ, ଯାହାକୁ ସେ ସହୃଦୟରେ ସ୍ୱୀକାର କରିନେଲେ ।

ହଜରତ ଅବୁବକର ର.ଅଙ୍କର ଗୋଟିଏ ଉପାଧି ଅତିକ୍ ମଧ୍ୟ ଥିଲା । ତତ୍ ସଂକ୍ରାନ୍ତରେ ହଜରତ ଆଏଶାର.ଅ କୁହନ୍ତି; ଏକଦା ହଜରତ ଅବୁବକରର.ଅ ହଜୁର ସ.ଅଙ୍କ ନିକଟକୁ ଆସିଲେ, ସେତେବେଳେ ହଜୁରସ.ଅ ତାଙ୍କୁ କହିଲେ; ଅନ୍‌ତା ଅତିକୁଲ୍ଲାହି ମିନନ୍ ନାରି ଅର୍ଥାତ ତୁମେ ଅଲ୍ଲାଃଙ୍କ ଅଗ୍ନିରୁ ମୋକ୍ଷ ପ୍ରାପ୍ତ କରିନେଇଛ । ଆଉ କେତେକ ଇତିହାସବିତ୍ କୁହନ୍ତି; ଅତିକ୍ ଆପଣଙ୍କ ଉପନାମ ଥିଲା, ଯଦିଚ ଏହା ସଠିକ୍ ନୁହେଁ । ହଜରତ ଅବୁବକର ର.ଅଙ୍କ ଦ୍ୱିତୀୟ ଉପାଧି ସିଦ୍ଦିକ୍ ପ୍ରସଙ୍ଗରେ ଉଲ୍ଲେଖ ରହିଛି, ଯେ ଏହି ଆଖ୍ୟା ଆପଣଙ୍କୁ ଅନ୍ଧକାରମୟ ଯୁଗରେ ମିଳିଥିଲା । ଏହା ମଧ୍ୟ କୁହାଯାଏ ଯେ ହଜରତ ମୁହମ୍ମଦ ସ.ଅଙ୍କ ଖବର ସଙ୍ଗେସଙ୍ଗେ ପହଂଚାଇବା ଯୋଗୁଁ ଆପଣଙ୍କର ଏପରି ନାମକରଣ ପଡ଼ିଯାଇଥିଲା । ଅତଏବ ଏହି ପ୍ରସଙ୍ଗରେ ହଜରତ ଆଏଶାର.ଅ କୁହନ୍ତି; ଯେତେବେଳେ ରାତ୍ର ସମୟରେ (ଦିବ୍ୟସ୍ୱପ୍ନରେ) ହଜୁର ସ.ଅଙ୍କୁ ବୈତୁଲ୍ ମୁକଦ୍ଦସ୍‌କୁ ଘେନି ନିଆଯାଇଥିଲା । ତା'ପର ଦିନ ସକାଳେ ଲୋକମାନେ ଏହି ପରିପ୍ରେକ୍ଷୀରେ କଥାବାର୍ତ୍ତା ହେଉଥିଲେ । ଯେତେବେଳେ ହଜରତ ଅବୁବକର ର.ଅଙ୍କୁ ଏହାର ସୂଚନା ମିଳିଲା ଯେ ହଜୁରସ.ଅ ଏପରି ଘୋଷଣା କରିଛନ୍ତି, ସେତେବେଳେ ଆପଣ କହିଲେ; ନିଶ୍ଚତ ରୂପେ ତାହା ହିଁ ସତ୍ୟ । ଏଥିସଂକ୍ରାନ୍ତରେ ହଜରତ ମୁସଲେହ ମଉଦର.ଅ କୁହନ୍ତି; ଯେତେବେଳେ ହଜରତ ଅବୁବକରର.ଅ ହଜୁର ସ.ଅଙ୍କ ସମର୍ଥନ କରିଥିଲେ ସେତେବେଳେ ଲୋକମାନେ କହିଲେ, କ'ଣ ଆପଣ ଏପରି ବୁଦ୍ଧିଜ୍ଞାନ ବିପରୀତମୂଳକ ଘୋଷଣାକୁ ସ୍ୱୀକାର କରିନେବେ ? **ହଜରତ ଅବୁବକରର.ଅ ଉତ୍ତର ଦେଲେ ମୁଁ ତ' ଏହି କଥାର ମଧ୍ୟ ସମର୍ଥନ କରୁଛି, ଯେ ହଜୁର ସ.ଅଙ୍କ ଉପରେ ସଞ୍ଜ ସକାଳେ ଐଶୀବାଣୀ ଅବତୀର୍ଣ୍ଣ ହେଉଛି ।**

ହଜରତ ମସିହ ମଉଦଅ.ସ କୁହନ୍ତି; ହଜରତ ମୁହମ୍ମଦ ମୁସ୍ତଫାସ.ଅ ଯେ ହଜରତ ଅବୁବକରଙ୍କୁ ସିଦ୍ଦିକ୍‌ର ଉପାଧି ପ୍ରଦାନ କରିଥିଲେ, ତେବେ ଅଲ୍ଲାଃ ହିଁ ଭଲ ରୂପେ ଜାଣନ୍ତି ଯେ ଆପଣଙ୍କ ଠାରେ କ'ଣ ବିଶେଷତ୍ୱ ରହିଥିଲା ? ହଜରତ ଅବୁବକରର.ଅ ଯେଉଁ ସତ୍ୟନିଷ୍ଠତା ପ୍ରଦର୍ଶନ କରିଥିଲେ ତାହାର ଉଦାହରଣ ମିଳିବା କଷ୍ଟକର ବ୍ୟାପାର ।

ଅତିକ୍ ଓ ସିଦ୍ଦିକ୍ ବ୍ୟତୀତ ହଜରତ ଅବୁବକର ର.ଅଙ୍କର ଆହୁରି ଅନେକ ଆଖ୍ୟା ମଧ୍ୟରେ ଖଲିଫତୁର୍ ରସୁଲୁଲ୍ଲାଃ, ଅଓ୍ୱାହୁନ୍ ଅର୍ଥାତ ଅତି ଦୟାଳୁ, ନମ୍ର ହୃଦୟୀ ଅଟେ । ସେହିପରି ଅମିରୁଶ୍ ଶାକିରିନ୍ ଅର୍ଥାତ କୃତଜ୍ଞକାରୀ ସର୍ଦ୍ଦାର । ସାନି ଅସ୍ନୈନ୍ ଏସବୁ ଏପରି ଉପାଧି ଥିଲା ଯାହାକି ଅଲ୍ଲାଃ ପରମବ୍ରହ୍ମ ଆପଣଙ୍କୁ ପ୍ରଦାନ କରିଥିଲେ ଅର୍ଥାତ ଏହି ନାମରେ ଆପଣଙ୍କୁ ସମ୍ବୋଧିତ କରିଥିଲେ । ଯେପରିକି ମଦିନା ପ୍ରବାସ ସମୟରେ ଐଶ୍ୱର୍ଯ୍ୟମୟ ପ୍ରଭୁ ପଂକ୍ତି ଅବତୀର୍ଣ୍ଣ କଲେ, ଇଜା ଅଖ୍‌ରଜହୁଲ୍ଲଜିନା କଫରୁ ସାନିଅସ୍ ନୈନି ଇଜ୍‌ହୁମା ଫିଲ୍‌ଗାରେ ଇଜ୍ ୟକୁଲୁ ଲିସାହିବିହି ଲାତହ୍‌ଜନ୍ ଇନ୍ନଲ୍ ଲାହା ମାଆନା ଅର୍ଥାତ ଯେତେବେଳେ ତାଙ୍କୁ ସେହି ଲୋକମାନେ ଯେଉଁମାନେ ଅମାନ୍ୟକାରୀ ଥିଲେ, ନିଜ ଅଂଚଳରୁ ବହିଷ୍କାର କରିଦେଲେ । ଏପରି ଅବସ୍ଥାରେ କି ସେ ଦୁହେଁ ଏକ ଗୁମ୍ଫାରେ ଶରଣ ନେଲେ । ସେ ନିଜ ସାଥିଙ୍କୁ କହିଲେ ବ୍ୟସ୍ତ ହୁଅ

ନାହିଁ ସୁନିଶ୍ଚିତ ରୂପେ ସର୍ବଶକ୍ତିମାନ ଅଲ୍ଲାଃ ଆମ ସାଥିରେ ଅଛନ୍ତି । ସୁତରାଂ ଅଲ୍ଲାଃତାଲା ତାଙ୍କୁ ଆଶ୍ୱସ୍ତି ପ୍ରଦାନ କଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅଲ୍ଲାଃତାଲା କଷ୍ଟଦାୟକ ସମୟ ଓ ବିପଦପୂର୍ଣ୍ଣ ମୁହୂର୍ତ୍ତରେ ନିଜ ପ୍ରିୟ ନବୀ ହଜରତ ମୁହମ୍ମଦ [ସ.ଅ]ଙ୍କୁ ହଜରତ ଅବୁବକର [ର.ଅ]ଙ୍କ ମାଧ୍ୟମରେ ସାନ୍ତ୍ୱନା ପ୍ରଦାନ କରିଥିଲେ ଏବଂ ଆପଣଙ୍କୁ ସିଦ୍ଦିକ୍‌ର ଆଖ୍ୟା (ନାମ) ଓ ନବୀ ଶିରୋମଣିଙ୍କ ସାନିଧ ଲାଭ କରିବାର ସୌଭାଗ୍ୟ ପ୍ରଦାନ କଲେ । ଅଲ୍ଲାଃତାଲା ଆପଣଙ୍କୁ *ସାନି ସ୍ନସ୍‌ନୈନ୍‌*ର ଉପାଧି ଦ୍ୱାରା ସମ୍ମାନିତ କଲେ... **କ'ଣ ତୁମେ ଏପରି କୌଣସି ବ୍ୟକ୍ତିଙ୍କୁ ଜାଣିଛ ଯାହାର ପବିତ୍ର କୁରଆନରେ ପ୍ରଶଂସା ଗାନ କରାଯାଇଥିବ ? ଯାହାର ଅନ୍ତଃ ଅବସ୍ଥା ପ୍ରସଙ୍ଗରେ ସମସ୍ତ ପ୍ରକାର ସନ୍ଦେହର ନିବାରଣ କରାଯାଇଥିବ ।** ଆପଣଙ୍କର ଆଉ ଗୋଟିଏ ଉପାଧି *ସାହିବୁର୍ ରସୁଲ୍* ମଧ୍ୟ ଥିଲା । ଏକଦା ହଜରତ ଅବୁବକର [ର.ଅ]ଙ୍କ କହିବାନୁଯାୟୀ ସୁରାଃ ତୌବାର ଆବୃତ୍ତି କରାଗଲା ଯେତେବେଳେ ଏହି ପଂକ୍ତି *ଇଜା ୟକୁଲ୍ ସାହିବହୁ*..ରେ ପହଂଚିଲେ ସେତେବେଳେ ହଜରତ ଅବୁବକରଙ୍କ ଚକ୍ଷୁରୁ ଅଶ୍ରୁ ଧାର ଝରି ପଡ଼ିଲା ଆପଣ କହିଲେ; ଆଲ୍ଲାଃଙ୍କ ରାଣ ! ମୁଁ ହିଁ ସେହି ସ୍ଥଳେ ହଜୁର [ସ.ଅ]ଙ୍କ ସାଥିରେ ଥିଲି ।

ହଜରତ ଅବୁବକର [ର.ଅ]ଙ୍କ ଗୋଟିଏ ଉପାଧି *ଆଦମେ ସାନି* (ଦ୍ୱିତୀୟ ଆଦମ) ଥିଲା । ଏହି ଉପାଧି ଆପଣଙ୍କୁ ହଜରତ ମସିହ ମଉଦ[ଅ.ସ] ପ୍ରଦାନ କରିଛନ୍ତି । ହଜରତ ମସିହ ମଉଦ[ଅ.ସ] ନିଜର ଏକ ଆଲେଖ୍ୟରେ କୁହନ୍ତି; ହଜରତ ଅବୁବକର[ର.ଅ] ଇସଲାମର ଦ୍ୱିତୀୟ ଆଦମ ଥିଲେ । *ଶିର୍‌ରୁଲ୍ ଖିଲାଫାଃ*ରେ ହଜୁର[ଅ.ସ] ଉଲ୍ଲେଖ କରିଛନ୍ତି; **ଆଲ୍ଲାଃଙ୍କ ରାଣ ! ହଜରତ ଅବୁବକର[ର.ଅ] ଇସଲାମର ଦ୍ୱିତୀୟ ଆଦମ ଓ ସୃଷ୍ଟିର ମଙ୍ଗଳକାରୀ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଉଜ୍ଜ୍ୱଳ ପ୍ରକାଶର ସର୍ବପ୍ରଥମ ଦୃଷ୍ଟାନ୍ତ ଥିଲେ ।**

ଆପଣଙ୍କର ଆଉ ଏକ ଉପାଧି *ଖଲିଲୁର୍ ରସୁଲ୍* ଥିଲା । ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଯଦି ମୁଁ କାହାରିକୁ ନିଜ ସାଥି କହିବାକୁ ଚାହିଁବି ତେବେ ସେ ହଜରତ ଅବୁବକର ଅଟନ୍ତି । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ବନ୍ଧୁତା ତ' ତାହାକୁ କୁହାଯାଏ ଯାହାକି ମଣିଷର ଶିରାପ୍ରଶିରାରେ ଭେଦି ଯାଇଥାଏ ଏବଂ ତାହା କେବଳ ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ତଥା ତାଙ୍କ ପାଇଁ ବିଶେଷ ଭାବରେ ନିୟତ ରହିଛି । ତେବେ ହଜୁର [ସ.ଅ]ଙ୍କର ପବିତ୍ର କଥନ (*ଖଲିଲୁର୍ ରସୁଲ୍*)ର ତାତ୍ପର୍ଯ୍ୟ ଏହିକି ଯେ ଅଲ୍ଲାଃତାଲାଙ୍କୁ ପ୍ରେମ କରିବାର ସ୍ତରରେ ତ' କେହି ହେଲେ ମଧ୍ୟ ସମତୁଲ୍ୟତା ହାସଲ କରି ପାରିବ ନାହିଁ । **କିନ୍ତୁ ସଂସାରରେ ଯଦି ଆମେ କାହାରିକୁ ପରମ ସଖାର ସ୍ଥାନରେ ସ୍ଥାନିତ କରୁ ତେବେ ମୁଁ ହଜରତ ଅବୁବକର [ର.ଅ]ଙ୍କୁ ରଖିବି ।**

ଆପଣଙ୍କର ଉପନାମ ବିଭିନ୍ନ କାରଣ ବଶତଃ ଭିନ୍ନ ଭିନ୍ନ ବର୍ଣ୍ଣନା କରାଯାଉଛି ଯେପରିକି ବକର୍ ଯାହାର ଅର୍ଥ ବଳିଷ୍ଠ ଓଟ ଅଟେ । ଆପଣ ଓଟ ପାଳନ କରିବା ଓ ସେମାନଙ୍କୁ ପ୍ରଶିକ୍ଷିତ କରିବାରେ ବେଶ୍ ରୁଚି ରଖୁଥିଲେ, ଏଥିଯୋଗୁଁ ଆପଣଙ୍କର ଏପରି ନାମ ପଡ଼ିଯାଇଥିଲା । ଆଉ କେତେକ କୁହନ୍ତି; ଆପଣ ଇସଲାମ ସ୍ୱୀକାର କରିବାରେ ଅନ୍ୟମାନଙ୍କ ତୁଳନାରେ ବେଶ ଆଗରେ ଥିଲେ ଅବା ଆପଣଙ୍କ ପବିତ୍ର ସ୍ୱଭାବ *ଇବ୍‌ତେକାର୍* ଅର୍ଥାତ ଆଗରେ ରହିବା ଯୋଗୁଁ ଆପଣଙ୍କୁ ଅବୁବକର କୁହାଗଲା ।

ହଜରତ ଆଏଶା[ର.ଅ] ହଜରତ ଅବୁବକର [ର.ଅ]ଙ୍କର ଶରୀର ଗଠନ ସମ୍ପର୍କରେ କୁହନ୍ତି; ଆପଣ ଗୋରା ବର୍ଣ୍ଣ, ପତଳା ଶରୀର, ବକ୍ରାକାର ଅଣ୍ଟା ଓ ଉଚ୍ଚ କପାଳ ବିଶିଷ୍ଟ ପୁରୁଷ ଥିଲେ । ଆପଣଙ୍କ ଗାଲରେ ମାଂସ ଖୁବ୍ କମ୍ ରହିଥିଲା ଏବଂ ଚକ୍ଷୁ ଭିତରକୁ ପଶି ରହିଥିଲା । ଆପଣ ନିଜ କେଶରେ ମେହେନ୍ଦି ଓ ରଙ୍ଗ ଆଣୁଥିବା ପତ୍ରର ଲେପନ କରୁଥିଲେ । ଆପଣ ଅତି ନମ୍ର ସ୍ୱଭାବୀ ଓ ନିଜ ଗୋଷ୍ଠୀରେ ସଭିଙ୍କର ଅତି ପ୍ରିୟ ତଥା ପ୍ରତିଷ୍ଠିତ ବ୍ୟକ୍ତି ଥିଲେ । ଆପଣ ବାଣିଜ୍ୟ ବ୍ୟାପାର କରୁଥିଲେ ଏବଂ ଜଣେ ସଫଳ ବ୍ୟବସାୟୀ ଥିଲେ । ଆପଣଙ୍କ ପ୍ରଖର ଦୂରଦୃଷ୍ଟି ଓ ଉତ୍ତମ ସ୍ୱଭାବ ଅତୁଳନୀୟ ଥିଲା । ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ଆବିର୍ଭାବ ସମୟରେ ହଜରତ ଅବୁବକର [ର.ଅ]ଙ୍କର ମୂଳଧନ ୪୦ହଜାର ଦିରହମ୍ ଥିଲା ।

ଇସଲାମ ପୂର୍ବରୁ ଆପଣ ନିଜର ଉତ୍ତମ ସ୍ୱଭାବ ଓ ବହୁମୂଲ୍ୟ ଅର୍ଥ ଯୋଗୁଁ କୁରୈଶଙ୍କ ମଧ୍ୟରେ ଜଣେ ସୁପ୍ରସିଦ୍ଧ ଓ ଉଚ୍ଚସ୍ଥାନରେ ଅଧିଷ୍ଠିତ ବ୍ୟକ୍ତି ଥିଲେ । ଆପଣ କୁରୈଶର ଧନାଢ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲେ । ସେମାନଙ୍କ ପରାମର୍ଶର ଅକ୍ଷ ଥିଲେ । ଆପଣ ସମସ୍ତଙ୍କ ଠାରୁ ଅଧିକ ପବିତ୍ର ଓ ପୁଣ୍ୟବାନ ବ୍ୟକ୍ତି ଥିଲେ । ଅତି ଦାନୀ, ଦୟାକାରୀ ସ୍ୱଭାବୀ ମଣିଷଟିଏ ଥିଲେ । ନିଜ ଜାତିରେ ସଭିଙ୍କର ପ୍ରିୟ ଓ ସ୍ନେହ ଆଦରର ପାତ୍ର ଥିଲେ । ସ୍ୱପ୍ନର ବ୍ୟାଖ୍ୟା କରିବାରେ ଆପଣଙ୍କୁ ଅତି ବ୍ୟାପକ (ଗଭୀର) ଜ୍ଞାନ ରହିଥିଲା । ଏହିପରି ବଂଶାନୁକ୍ରମିକ ଜ୍ଞାନରେ ମଧ୍ୟ ଆପଣ ସିଦ୍ଧହସ୍ତ ରଖୁଥିଲେ । ଇସଲାମ ପୂର୍ବରୁ ରକ୍ତପାତ ଓ ଟିକସ ଆଦାୟ କରିବା ଦାୟିତ୍ୱ ବନୁ ତୟମ୍ ଓ ବନୁ ମରାଃ ଗୋଷ୍ଠୀର ଉପରେ ନ୍ୟସ୍ତ ରହିଥିଲା । ଯେତେବେଳେ ହଜରତ ଅବୁବକର[ର.ଅ] ଯୌବନ ଅବସ୍ଥାରେ ପାଦ ଦେଲେ ସେତେବେଳେ ଏହି ଦାୟିତ୍ୱ ଆପଣଙ୍କୁ ପ୍ରଦାନ କରାଗଲା । ଆପଣ ଗରିବ ଓ ଅତ୍ୟାଚାରୀଙ୍କ ସାହାଯ୍ୟ କରିବା କ୍ଷେତ୍ରରେ ସର୍ବଦା ଆଗରେ ରହୁଥିଲେ । ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଆବିର୍ଭାବ ହେବା ପୂର୍ବରୁ ଆପଣଙ୍କର ହଜୁର [ସ.ଅ]ଙ୍କ ସାଥିରେ ବିଶେଷ ଭାବ ଓ ପ୍ରୀତି ସମ୍ପର୍କ ରହିଥିଲା । ଅଧିକାଂଶ ବାଣିଜ୍ୟ କାରବାରରେ ହଜୁର [ସ.ଅ]ଙ୍କ ସାଥିରେ ଯାତ୍ରା କରିବାର ସେ ସୌଭାଗ୍ୟ ଲାଭ କରିଥିଲେ । ହଜରତ ମିର୍ଜା ବଶିର ଅହେମଦ ସାହେବ କୁହନ୍ତି; ହଜୁର [ସ.ଅ]ଙ୍କ ସହିତ ନିବିଡ଼ ସମ୍ପର୍କ ରକ୍ଷା କରିବାରେ ଆପଣ ପ୍ରଥମ ସ୍ଥାନରେ ଥିଲେ । ଅନ୍ଧକାରମୟ ଯୁଗରୁ ହିଁ ଆପଣଙ୍କ ଶିରିକ୍ (ଅନ୍ୟ କାହାକୁ ଈଶ୍ୱରଙ୍କ ସହିତ ସମତୁଲ୍ୟ) କରିବାକୁ ଘୃଣା କରୁଥିଲେ । ଆପଣ କଦାପି କୌଣସି ପ୍ରତିମୂର୍ତ୍ତି ସମ୍ମୁଖରେ ନତମସ୍ତକ ହୋଇ ନଥିଲେ । ଏହିପରି ଅନ୍ଧକାରମୟ ଯୁଗରୁ ହିଁ ଆପଣ ମଦ୍ୟପାନ କରିବାକୁ ଘୃଣା କରୁଥିଲେ ।

ଆପଣଙ୍କ ଇସଲାମ ସ୍ୱୀକାର କରିବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ ଦିନେ ହଜରତ ଅବୁବକର[ର.ଅ] ହଜରତ ହକିମ୍ ବିନ୍ ହଜ୍ୟାମ୍‌ଙ୍କ ଘରେ ବସିଥିଲେ ଯେ ହକିମ୍‌ଙ୍କ କ୍ରୀତଦାସୀ ଆସି କହିଲେ; ତୁମ ଫୁପୁ (ପିଉସୀ) ଖଦିଯାଃ କହୁଛନ୍ତି ଯେ ତାଙ୍କ ସ୍ୱାମୀ ମୁସାଙ୍କ ପରି ନବୀ ରୂପେ ମନୋନୀତ ହୋଇଛନ୍ତି । ଏଥିରେ ହଜରତ ଅବୁବକର[ର.ଅ] ଅତି ନିରବତାର ସହିତ ସେଠାରୁ ଉଠି ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଇସଲାମ ଧର୍ମ ସ୍ୱୀକାର କରିନେଲେ

'ସିରତ୍ ଇବ୍‌ନେ ହିଶାମ୍‌ରେ ଶରାଃ ରଜୁ'ରେ ଉଲ୍ଲେଖ ରହିଛି; ହଜରତ ଅବୁବକର[ର.ଅ] ସ୍ୱପ୍ନ ଦେଖିଥିଲେ ଯେ ଚନ୍ଦ୍ରମା ମକ୍କାରେ ଅବତରଣ କରି ଟୁକୁଡ଼ା ଟୁକୁଡ଼ା ହୋଇ ପ୍ରତ୍ୟେକ ସ୍ଥାନ ଓ ଘରମାନଙ୍କରେ ବିଂଚି ହୋଇଯାଇଛି । ପୁନଶ୍ଚ ସେହି ଚନ୍ଦ୍ରର ଭଗ୍ନାଂଶକୁ ଆପଣଙ୍କ କୋଳରେ ଏକତ୍ର ଜମା କରି ଦିଆଗଲା । 'ସବିଲେ ହୁଦା' ପୁସ୍ତକରେ ଉଲ୍ଲେଖ ରହିଛି; ଏକଦା ଆପଣ ସିରୀୟା ଦେଶକୁ ବ୍ୟାପାର କରିବା ପାଇଁ ଯାଇଥିଲେ, ଯେ ସେଠାରେ ଆପଣ ସ୍ୱପ୍ନ ଦେଖିଲେ । ଯାହାର **ବହିରାଃ ରାହିବ୍** ବ୍ୟାଖ୍ୟା କରିଛନ୍ତି, ଯେ ତୁମ ଗୋଷ୍ଠୀରେ ଜଣେ ନବୀ ଆବିର୍ଭାବ ହେବେ । ତୁମେ ତାଙ୍କ ଜୀବନରେ ତାଙ୍କ ମନ୍ତ୍ରୀ ହେବ ଓ ତାଙ୍କ ଦେହାନ୍ତ ପରେ ତାଙ୍କ ଖଲିଫା ହେବ ।

ଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ ବର୍ଣ୍ଣନା ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା ହେବ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

3rd December 2021